# ସେନାବାହିନୀରେ ଯୁବବର୍ଗଙ୍କ ନିଯୁକ୍ତି ନେଇ ବୈଠକ



ନବରଙ୍ଗପୁର,୬।୪(ସମିସ): ନବରଙ୍ଗପୁରର ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଭାରତୀୟ ସେନାରେ ଅଗ୍ନିବୀର ନିଯୁକ୍ତି ଉପଲକ୍ଷେ ଅଶୋକ ମେହତା ସମ୍ମିଳନୀ କକ୍ଷରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୋପାଳପୁରର ସେନା ନିଯୁକ୍ତି ଅଧିକାରୀ କର୍ଣ୍ଣେଲ କଲ୍ୟାଣ କୁମାର ରେଡ୍ଡି ଅଗ୍ନିବୀରଙ୍କ ଦରମା ଏବଂ ସୁବିଧା ବିଷୟରେ ଅନ୍‌ଲାଇନ୍‌ରେ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ସହର ଡିଗ୍ରୀ କଲେଜର ଅଧ୍ୟକ୍ଷ, ଜିଲ୍ଲା କଲ୍ୟାଣ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଉପସ୍ଥିତ ଥିଲେ। ଅଗ୍ନିବୀର ପଞ୍ଜୀକରଣର ଶେଷ ତାରିଖ ୧୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଉପସ୍ଥିତ ସମସ୍ତଙ୍କୁ ଅଗ୍ନିବୀର ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ନବରଙ୍ଗପୁର ଜିଲ୍ଲାର ଯୋଗ୍ୟ ଯୁବକମାନଙ୍କୁ ସର୍ବାଧିକ ପଞ୍ଜୀକରଣ କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଯଦି କୌଣସି ପ୍ରାର୍ଥୀ କୌଣସି ଆର୍ଥିକ ସଙ୍କଟର ସମ୍ମୁଖୀନ ହୁଅନ୍ତି, ତେବେ ରେଡକ୍ରସ୍ ପାଣ୍ଠିରୁ ପଞ୍ଜୀକରଣ ଫି ବାବଦ ୨୫୦ ଟଙ୍କା ବହନ କରାଯିବ ବୋଲି ସୂଚନା ଦିଆଯାଇଥିଲା।

ସୂଚନା ଯୋଗ୍ୟ ଯେ ସେନାବାହିନୀରେ କାମ କରିବା ପାଇଁ ଆଗ୍ରହୀ ଯୁବବର୍ଗ ଅନଲାଇନ ଆବେଦନ କରିପାରିବେ। ନିୟମିତ କ୍ୟାଡ଼ର ପଦବୀ ବ୍ୟତୀତ ଟେକ୍ନିକାଲ ଷ୍ଟ୍ରିମ୍ ରେ ଅନେକ ପଦବୀରେ ମଧ୍ୟ ଆବେଦନ କରିବାକୁ ଆହ୍ୱାନ କରାଯାଇଛି। ଦେଶ ମାତୃକାର ସେବା ଓ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆବେଦନ କରିବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ। ସମସ୍ତ ବିଡିଓ ତାଙ୍କ ଅଞ୍ଚଳରେ ଯେଭଳି ଅଧିକରୁ ଅଧିକ ଯୁବବର୍ଗ ପଞ୍ଜୀକରଣ କରିବେ ସେଥିପାଇଁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

## ଗ୍ରାମସଭା, ପଲ୍ଲିସଭାରେ ପ୍ରସ୍ତୁତ କାର୍ଯ୍ୟ ଖସଡ଼ାକୁ ଅଣଦେଖା

# ସଭା ବର୍ଜନ କରିବେ ସରପଞ୍ଚ; ସମିତି ସଭ୍ୟ



### ବିଡିଓଙ୍କୁ ଲିଖିତ ଜଣାଇଲା ସଂଘ

ତେନ୍ତୁଳିଖୁଣ୍ଟି,୬।୪(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ହେଉଥିବା ଗ୍ରାମସଭା ଓ ପଲ୍ଲିସଭାରେ ପ୍ରସ୍ତୁତ କାର୍ଯ୍ୟ ଖସଡ଼ାକୁ ଅଣଦେଖା କରି ତେନ୍ତୁଳିଖୁଣ୍ଟି ବ୍ଲକ୍ ପ୍ରଶାସନ ଦୀର୍ଘ ଚାରି ବର୍ଷ ହେବ ନିଜ ଇଚ୍ଛା ମୁତାବକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ଜିଲ୍ଲା ସ୍ତରକୁ ପ୍ରେରଣ କରୁଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛି ସରପଞ୍ଚ ଓ ସମିତି ସଭ୍ୟ ମିଳିତ ସମନ୍ୱୟ ସଂଘ। ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନୟନ ଅଧିକାରୀ ସଭାରେ ପ୍ରସ୍ତୁତ ଖସଡ଼ାକୁ ବାଦ ଦେଇ ନିଜ ଇଚ୍ଛା ମୁତାବକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ଅନୁମୋଦନ ପାଇଁ ପ୍ରେରଣ କରୁଥିବା ଅଭିଯୋଗ ହୋଇଛି । ୨୦୨୫-୨୬ ବିଜିବିଓ କାର୍ଯ୍ୟ ଖସଡ଼ା ପଞ୍ଚାୟତ କିମ୍ବା ପଞ୍ଚାୟତ ସମିତିର ଅଜାଣତରେ ପ୍ରସ୍ତୁତ ହୋଇଥିବା ମଧ୍ୟ ଅଭିଯୋଗ ହେଉଛି। ସରକାର ନିର୍ଦ୍ଦେଶନାମାକୁ ଅନୁପାଳନ ନକରି ବିଡ଼ିଓ ନିଜସ୍ୱ ସମ୍ପତି ଭଳି ସରପଞ୍ଚ ଓ ସମିତି ସଭ୍ୟଙ୍କ ଅଜାଣତରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରୁଥିବା ସଂଘ ଅଭିଯୋଗ କରିଛି। ତେଣୁ ଆଗାମୀ ଦିନରେ ହେବାକୁ ଥିବା ଗ୍ରାମସଭା ଓ ପଲ୍ଲିସଭାକୁ ବର୍ଜନ କରିବା ପାଇଁ ତେନ୍ତୁଳିଖୁଣ୍ଟି ବିଡିଓଙ୍କୁ ଲିଖିତ ଜଣାଇଛନ୍ତି ସରପଞ୍ଚ ଓ ସମିତି ସଭ୍ୟ। ଏହି ଦାବିପତ୍ର ପ୍ରଦାନ ସମୟରେ ତେନ୍ତୁଳିଖୁଣ୍ଟି ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ ସମନ୍ୱୟ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲ୍ଲାପାଳ, ଏସ୍‌ପି ଦେଲେ ପାଜର

● କୋରାପୁଟବାସୀଙ୍କୁ ଜଣାଇଲେ ଶୁଭେଚ୍ଛା



ନନ୍ଦପୁର,୬।୪(ସମିସ): ସୋମବାର ଦିନ ନନ୍ଦପୁର ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଜନ ଶୁଣାଣି ଶିବିର ଶେଷ କରି କୋଠରୀରୁ ବାହାରିବା ସମୟରେ ନନ୍ଦପୁର ସଦର ମହକୁମା ସ୍ଥିତ କୁମ୍ଭାର ସାହିର ମହିଳା ମାନେ ଥାଳିଆ ଧରି ହୁଳହୁଳି ପକାଇ ପାଖକୁ ଯାଇ ତିଳକ ଲଗାଇଥିଲେ। ଉଭୟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଏସ୍‌ପି ରୋହିତ ବର୍ମା ମହିଳାମାନଙ୍କ ଆଗମନ ସମ୍ପର୍କରେ ବୁଝି ଯାଇଥିଲେ। ତୁରନ୍ତ ସେମାନେ ପକେଟ୍‌ରୁ ୫ ଶହ ଟଙ୍କିଆ ନୋଟ କାଢି ପାଜର ଥାଳିଆରେ ରଖି ଦେଇଥିଲେ। କୋରାପୁଟିଆ ଆମ୍ବ ନୂଆ ପର୍ବ ଅବସରରେ ଉଭୟ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଶୁଭକାମନା ଜଣାଇଥିଲେ। ପ୍ରଥମ ଥର ଜିଲ୍ଲାରେ ଜିଲ୍ଲାପାଳ ଏସ୍‌ପି ଚୈତ୍ର ପର୍ବ ପାଜର ଟଙ୍କା ଦେଇଥିବା ଦେଖିବାକୁ ମିଳିଥିବା ବେଳେ ମା ମହିଳା ମାନେ ମଧ୍ୟ ବେଶ ଖୁସି ହୋଇଥିଲେ।

# କବିତାରେ ଛାତ୍ରୀ ଶୁଭସ୍ମିତା ପଟ୍ଟନାୟକ ପ୍ରଥମ

ଉମରକୋଟ,୬।୪(ସମିସ):

ଓଡ଼ିଆ ପକ୍ଷ ପାଳନ ଅବସରରେ କୋରାପୁଟସ୍ଥିତ ସରକାରୀ ଡିଏଭି ମହାବିଦ୍ୟାଳୟଠାରେ ଅବିଭକ୍ତ କୋରାପୁଟ ଜିଲ୍ଲା ଉଚ୍ଚଶିକ୍ଷା ବିଭାଗ ଅଧୀନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆଞ୍ଚଳିକ ଜୟପୁର ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୋରାପୁଟ ଡିଏଭି କଲେଜରେ ଜୋନ୍‌ସ୍ତରୀୟ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, କବିତା, ଗଳ୍ପ ପ୍ରତିଯୋଗିତା ହୋଇଥିଲା। କବିତା ବିଭାଗରେ ଉମରକୋଟ ପେଣ୍ଠଣୀ ମହାବିଦ୍ୟାଳୟ ଯୁକ୍ତ ୩ର ପ୍ରଥମ ବର୍ଷ ରାସାୟନିକ ବିଜ୍ଞାନ ବିଭାଗ ଛାତ୍ରୀ ଶୁଭସ୍ମିତା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ପ୍ରସାଦ ଭୋଇ, ସମ୍ମାନିତ ଅତିଥି ଭାବେ ଗାଳ୍ପିକ ନାରାୟଣ ପଣ୍ଡା, ବିଚାରକ ଭାବେ କବି ରବି ଶତପଥୀ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅନୁବାଦକ ବିଜୟ ପ୍ରଧାନ, ଗାଳ୍ପିକ ରମେଶ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ଅତିଥିମାନେ ଶୁଭସ୍ମିତାଙ୍କୁ ସିଲ୍ଡ ଓ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରିଛନ୍ତି। ପ୍ରୀତିଧାରା ସାମଲ ମଞ୍ଚ ପରିଚାଳନା କରିଥିଲେ। ଶୁଭସ୍ମିତାଙ୍କ ସଫଳତା ପାଇଁ ଉମରକୋଟ ମହାବିଦ୍ୟାଳୟ ଅଧ୍ୟକ୍ଷ ଅନୀଲ ମିଶ୍ର ଓ ଇତିହାସ ବିଭାଗ ଅଧ୍ୟାପକ ଆଦ୍ରୁ କ୍ରିଷାନୀଙ୍କ ବିଶେଷ ଭୂମିକା ରହିଛି।

# ବିଜେପିର ପ୍ରତିଷ୍ଠା ଦିବସ ପାଳନ

ପାପଡାହାଣ୍ଡି,୬।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡଙ୍ଗରା ମଣ୍ଡଳର ଫୁଲପଦର ଗ୍ରାମଠାରେ ବିଜେପି ଦଳର ୪୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଡଙ୍ଗରା ମଣ୍ଡଳ ସଭାପତି କେ. କ୍ରିଷ୍ଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜୀବନ ସଂଘର୍ଷର ରାଜନୀତି ବିଷୟରେ ଆଲୋକପାତ କରାଯାଇଥିଲା। ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଅନ୍ତ୍ୟୋଦୟ ମନ୍ତ୍ର ଉପରେ ଚର୍ଚ୍ଚା ହୋଇଥିଲା। ସମାଜର ଶେଷ ଧାଡିର ଲୋକଙ୍କର ଉନ୍ନତି କିଭଳି ହେବ , ସେ ନେଇ ଚର୍ଚ୍ଚା ହୋଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନ ଉପେର ଆଲୋଚନା ରାଣନୀତି ପ୍ରସ୍ତୁତ ହୋଇଥିଲା। ବିଜେପି ଦଳକୁ କିଭଳି ତଳସ୍ତରରୁ ସୁଦୃଢ଼ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ମନ ଚୌଧୁରୀ, ପ୍ରହ୍ଲାଦ ଭୁକ୍ତା, ଲିଙ୍ଗରାଜ ଗୌଡ଼, ଦିବାକର ଯାନୀ, ରାମକୃଷ ହରିଜନ ଓ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

# ବିଦ୍ୟାଧର ଶବର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ



ଗୁଣୁପୁର,୬।୪(ସମିସ): ରାୟଗଡ଼ା ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ପଦ୍ମପୁର ଅଞ୍ଚଳର ଯୁବନେତା ବିଦ୍ୟାଧର ଶବରଙ୍କୁ ରାଜ୍ୟ ସରକାର ମନୋନୀତ କରିଛନ୍ତି। ସେହିପରି ଉପାଧ୍ୟକ୍ଷ ଭାବେ ମଞ୍ଜୁଳା ମିନିୟାକାଙ୍କୁ ନିଯୁକ୍ତି ଦିଆଯାଇଛି। ମନୋନୟନ ପରେ ବିଦ୍ୟାଧର ଶବର ଗୁଣୁପୁର ମହାବିଦ୍ୟାଳୟ ନିକଟସ୍ଥ ଶ୍ରୀ ଗଣେଶ ମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ଏହାପରେ ଗୁଣୁପୁର ଅଞ୍ଚଳର ବିଭିନ୍ନ ରାଜନୈତିକ ଓ ସାମାଜିକ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବିଜେପି ରାଷ୍ଟ୍ରୀୟ ସଦସ୍ୟ ୱାଇ. ଗଣପତି, ଜିଲ୍ଲା ଉପସଭାପତି ଶ୍ରୀନିବାସ ସ୍ୱାଇଁ, ଯୁବନେତା ଅମର ସାହୁ, ସଂଗ୍ରାମ କେଶୋରୀ ସାହୁ, ମନୋଜ ପାଣିଗ୍ରାହୀ, କିରଣ ପାଣିଗ୍ରାହୀ, ସତ୍ୟ ସୁନ୍ଦର କର ଓ ଅନ୍ୟାନ୍ୟ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ। ବିଦ୍ୟାଧର ଶବର ଏହି ଅବସରରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ନେତୃମଣ୍ଡଳୀ ଓ ଜିଲ୍ଲା ନେତାମାନଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ।

### ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା

# ନୂତନ ଏସ୍‌ଡିସି ସଭାପତିଙ୍କୁ ସମ୍ବର୍ଦ୍ଧନା

ନନ୍ଦପୁର, ୬।୪(ସମିସ): ଭାଜପାର ପ୍ରତିଷ୍ଠା ଦିବସ ନନ୍ଦପୁର ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମନୋନୀତ କୋରାପୁଟ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ କମିଟି ସଭାପତି ଭଗବାନ ମୁଦୁଲିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନନ୍ଦପୁର ମାଟିର ଆଦିବାସୀ ନେତା ଭଗବାନ ମୁଦୁଲି କୋରାପୁଟ ଜିଲ୍ଲା ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ କମିଟି ସଭାପତି ହେବା ପରେ ବିଜେପି ଦଳର କର୍ମକର୍ତ୍ତା ମଧ୍ୟ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ବିରୋଧୀ ଦଳର



ନେତା ତଥା ବିଜେଡି ଜିଲ୍ଲା ଉପ ସଭାପତି ଗୋପାଳକୃଷ୍ଣ ବେବର୍ତ୍ତା ମଧ୍ୟ ଖୁସି ବ୍ୟକ୍ତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଅଞ୍ଚଳ ପାଇଁ ଭଲ କାମ କରି ନନ୍ଦପୁର ବ୍ଲକର ସୁନାମ ରଖିବାକୁ ଆଶା ପ୍ରକଟ କରିଛନ୍ତି । ସେହିପରି ଯୁବ ସାମାଜିକ କର୍ମୀ ମୁନା ଦଳପତି ମଧ୍ୟ ଏସଡିସି ସଭାପତିଙ୍କୁ ଶୁଭକାମନା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ସରୋଜ କୁମାର ମିଶ୍ର , ଜୟରାମ ଭୋଇ, ଜିଲ୍ଲା ଉପ ସଭାପତି ଦୁର୍ଗା ପ୍ରସାଦ ପଟ୍ଟନାୟକ, ବ୍ଲକ ମଣ୍ଡଳ ସଭାପତି ହରିହର ବେହେରା, ରମେଶ ଚନ୍ଦ୍ର ଖେମୁଣ୍ଡୁ , ରାମଦାସ ଖିଲ, ସୀମାଞ୍ଚଳ ଖିଲ, ଗଣେଶ ଖିଲ, ମୋହନ ଭୈରବୀ, କେଣ୍ଡା ଦୋରା, ଭାଗିରଥି ବାଟଘରିଆଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ଉପସ୍ଥିତ ରହି ନୂତନ ଏସ୍‌ଡିସି ସଭାପତିଙ୍କୁ ଶୁଭକାମନା ଜଣାଇଥିଲେ।

# ଓଡ଼ିଆ ପକ୍ଷରେ ସ୍ୱଚ୍ଛତା ଅଭିଯାନ

ପାପଡାହାଣ୍ଡି,୬।୪ (ସମିସ): ପାପଡାହାଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ଓଡିଆ ପକ୍ଷ ପାଳନ ଅବସରରେ ଏକ ସଫେଇ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱଚ୍ଛତା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ପାପଡାହାଣ୍ଡି ସରପଞ୍ଚ ଚନ୍ଦ୍ରଶେଖର ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳଦେବ ସାହୁ, ତହସିଲଦାର ତପନ କୁମାର ନାୟକ, ବିଏସଏସଓ ସୁବ୍ରତ କିସାନ, ପିଏଲଭି ସଭ୍ୟ ରାଜକିଶୋର ରାଓ, ବବଲୁ ଖାନ, ହରି ପାଣିଗ୍ରାହୀ, ଦୀନବନ୍ଧୁ ବିଶୋଇଙ୍କ ସହିତ ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗର କର୍ମଚାରୀଙ୍କ ନେତୃତ୍ୱରେ ଗ୍ରାମବାସୀ ନୀଳକଣ୍ଠେଶ୍ୱର ମନ୍ଦିର ଠାରୁ ଶହୀଦ ମିନାର ପର୍ଯ୍ୟନ୍ତ ଗ୍ରାମରେ ସ୍ୱଚ୍ଛତା ଅଭିଯାନ ପାଳନ କରାଯାଇଥିଲା। ଏହି ଅବସରରେ ଲୋକଙ୍କୁ ସ୍ୱଚ୍ଛତା ପାଇଁ ସଚେତନତା କରାଯାଇଥିଲା ।

# ମହିଳାଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ଦୁଇ ଗିରଫ

କୋରୁକୋଣ୍ଡା,୬।୪(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଠାରେ ଥିବା ସଦର ଥାନାରେ ଜଣେ ମହିଳା ତାଙ୍କ ସହ ଯୌନ ନିର୍ଯାତନ ନେଇ ଅଭିଯୋଗ କରିଥିବା ବେଳେ ଏହି ମାମଲାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ ଗତ ୨ତାରିଖ ରାତି ପ୍ରାୟ ୮ ଟାରେ କୋରୁକୋଣ୍ଡା ଅଞ୍ଚଳରେ ଅଭିଯୋଗ କାରୀ ମହିଳା ନିଜ ଘରେ ଥିବା ବେଳେ ତାଙ୍କ ସ୍ୱାମୀ ଅନୁପସ୍ଥିତ ଥିବା ସମୟରେ ଆରଓକଲୋନୀ ର ଜାଗେଶ୍ୱର ମାଝୀ ଓ ତାଙ୍କ ସାଙ୍ଗ ଲକ୍ଷ୍ମୀଧର ହାଲବା ତାଙ୍କୁ ଫୋନ୍ କରିଥିଲେ। କୌଣସି ଏକ ବାହାନା ଦେଖାଇ ଅଭିଯୋଗ କାରିଣୀଙ୍କ ଘର ନିକଟରେ ଥିବା ଦାମା ଖେମୁଡୁଙ୍କ ଘର ପଛ ପାର୍ଶ୍ୱକୁ ଆସିବାକୁ ଡାକିଥିଲେ। ମହିଳା ଜଣଙ୍କ ସେଠାକୁ ଯିବା ପରେ ଉଭୟ ଅଭିଯୁକ୍ତ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ସେହି ସମୟରେ ତାଙ୍କ ସ୍ୱାମୀ ଘଟଣାସ୍ଥଳକୁ ଆସି ସେମାନଙ୍କୁ ବିରୋଧ କରିବାରୁ ଉଭୟ ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏନେଇ ମହିଳା ଜଣକ କୋରୁକୋଣ୍ଡା ସ୍ଥିତ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ ୫୬/୨୬ ରୁଜୁ କାରୀ ଆଜି ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ ଡାକ୍ତରୀ ପରୀକ୍ଷା କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବିଜୟ କୁମାର ସୂଚନା ଦେଇଛନ୍ତି।

# ଚୋରା ମଦକୁ ବିରୋଧ, ଥାନାର ଦ୍ୱାରସ୍ଥ ମହିଳା




କୁନ୍ଦୁରା,୬।୪(ସମିସ): ଘର ଉଜାଡୁଛି ମଦ। ଭାଙ୍ଗିଯାଉଛି ଶହ ଶହ ପରିବାର। ନିଇତି ମଦ ପାଇଁ ଗଡୁଛି ମୁଣ୍ଡ। ମଦ ପିଇ ପୁଅ କେଉଁଠି ବାପାକୁ ମାରିଲାଣି ତ ଆଉ କେଉଁଠି ଯୁବତୀଙ୍କୁ ଅସଦାଚରଣ କଲାଣି। ପୂରା ରାଜ୍ୟରେ ମଦ ପାଇଁ ବଢୁଛି ଅପରାଧ। ସେହି ଧାରାରେ କୋରାପୁଟ ଜିଲ୍ଲାର କୁନ୍ଦୁରା ବ୍ଲକ ଅନ୍ତର୍ଗତ ମସିଗାଁ ଗ୍ରାମ ପଞ୍ଚାୟତ ବରଗୁଡା ଗ୍ରାମରେ ଗାଁରେ ମଦ ଯୋଗୁଁ ଉଜୁଡିଯାଉଛି ସଂସାର। ଏଥିଲାଗି ବରଗୁଡା ଗ୍ରାମରେ ନିଶା କାରବାର ବନ୍ଦନେଇ ଥାନା ଦ୍ୱାରସ୍ଥ ହୋଇଛନ୍ତି ଗାଁର ମହିଳା ଓ ପୁରୁଷ। ଦୀର୍ଘ ଦିନ ଧରି ଏହି ଗ୍ରାମରେ ଚୋରା ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ କରିଛନ୍ତି। ଅବୈଧ ଚୋରା ଦେଶୀ ମଦ କାରବାର ହେଉଥିବା ବେଳେ କାମ ଧନ୍ଦା ଛାଡି ପିଲା ଠାରୁ ବୁଢ଼ା ଯାଏଁ ସକାଳୁ ସନ୍ଧ୍ୟା ଯାଏଁ ମଦ ଭାଟିରେ। ଏହା ଦ୍ୱାରା ଗ୍ରାମରେ ଚୋରି ବଢ଼ିବାରେ ଲାଗିଛି, ଶାନ୍ତି ଶୃଙ୍ଖଳା ପରିବର୍ତ୍ତେ ଅଶାନ୍ତ ହୋଇପଡୁଛି ଗାଁ। ଗ୍ରାମରେ ଯେଉଁମାନେ ମଦ କାରବାର କରୁଛନ୍ତି, ସେମାନଙ୍କୁ ମଦ ବନ୍ଦ କରିବାକୁ କହିଲେ ଧମକ ଚମକ ଦେଉଛନ୍ତି। ସବୁ ଜାଣି ଅବକାରୀ ବିଭାଗ ଚୁପ ରହୁଥିବା ବେଳେ ନିରୀହ ଲୋକ ମଦ ପିଇ ମୃତ୍ୟୁବରଣ କରୁଛନ୍ତି। ଗାଁରେ ଏକାଧିକ ସ୍ଥାନରେ ମଦ ବିକ୍ରି ଚୋରାରେ ଚାଲିଥିବା ବେଳେ ଛୋଟ ଛୋଟ ପିଲାମାନେ ମଧ୍ୟ ମଦପିଇ ଅକାଳ ମୃତ୍ୟୁବରଣ କରୁଛନ୍ତି। ଏହାକୁ ନେଇ ଯଦି ପୁଲିସ ପକ୍ଷରୁ କିଛି ପଦକ୍ଷେପ ନିଆ ନ ଯାଏ, ତେବେ ଆଇନ ହାତକୁ ନେବୁ ବୋଲି ବରଗୁଡା ଗ୍ରାମର ମହିଳା ମାନେ ଚେତାବନୀ ଦେଇଛନ୍ତି।

10001/18/2627

ଓଡ଼ିଶା ଶାସନ

## ଅଂଶୁଘାତ ସତର୍କତା



**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0001

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

## ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି




ନବରଙ୍ଗପୁର,୬।୪(ସମିସ): ସୋମବାର ନବରଙ୍ଗପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୭ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଆଜିର ଏହି ଶିବିରରେ ଗୋଟିଏ ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା।

# କାଳବୈଶାଖିରେ ଉଡ଼ିଲା ଘରର ଆଜବେଷ୍ଟସ୍

ଟିକିରି,୬।୪(ସମିସ):

ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ ଲିମଅଡାର ଗ୍ରାମରେ ରବିବାର ଘଟିଥିବା କାଳବୈଶାଖୀରେ ବହୁ କ୍ଷୟକ୍ଷତି ହୋଇଛି। ରାତି ପ୍ରାୟ ୮ଟା ସମୟରେ ପ୍ରବଳ ବର୍ଷା, ପବନ, ଘଡଘଡି ଓ କୁଆପଥର ପଡି ବ୍ୟାପକ କ୍ଷତି ଘଟିଛି। ଗ୍ରାମର ସୀତାରାମ ନାଏକ, ଅଙ୍ଗି ମାଝୀ, ଅଭି ମାଝୀ, ସାଲମା ମାଝୀ, କାଶି ନାଥ ମାଝୀ, କମ୍ମୁ ଲହର, ଧନି ମାଝୀ, ଲକ୍ଷଣ ନାଏକ, ନିଳକଣ୍ଠ ମାଝୀଙ୍କ ଘରର ଆଜବେସ୍ଟ ଉଡିଯାଇଥିବା ବେଳେ, ଜୟ ମାଝୀ, ଲୁକା ମାଝୀ, କେସରୀ ମାଝୀ, ଅଭିରାମ ମାଝୀ ଙ୍କର ଗୁହାଳ ଘରର ଆଜବେଷ୍ଟ ମଧ୍ୟ ଉଡିଯାଇଛି। ପଞ୍ଚାୟତର ଦୁଦୁରଝଲା ଭାସ୍କର ମାଝୀଙ୍କର ମଧ୍ୟ ଆଜବେଷ୍ଟସ୍ ଉଡିଯାଇଛି। ଖବର ପାଇ ଗୋରଖପୁର ସରପଞ୍ଚ ଲକ୍ଷ୍ମଣ ମାଝୀ ଓ ଗୋରଖପୁର ରାଜସ୍ୱ ନିରୀକ୍ଷକ ଦେବେନ୍ଦ୍ର ହିମିରିକା ପହଞ୍ଚି କ୍ଷୟକ୍ଷତି ଆୟତନ ନ କରି ଫେରିଛନ୍ତି। ସୀତାରାମ ନାଏକଙ୍କ ଦୋକାନ ଘରର ଆଜବେଷ୍ଟ ଉଡି ଦୋକାନର ସମସ୍ତ ଜିନିଷପତ୍ର ନଷ୍ଟ ହୋଇଯାଇଛି। ପ୍ରଶାସନ ତରଫରୁ କ୍ଷୟକ୍ଷତ ଆକଳନ କରି କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ମାଇକଞ୍ଚ ପଞ୍ଚାୟତ ଅନ୍ତର୍ଗତ ଅଣ୍ଡିରାକଞ୍ଚ, ନୂଆଗାଁ, ମାଇକଞ୍ଚ, ପଡବନ୍ଧ ଓ କଞ୍ଚଗୁମା ଗ୍ରାମରେ ଶତାଧିକ ପରିବାରର ଟିଣଛପର ଉଡିଯାଇଥିବା ଦେଖିବାକୁ ମିଳିଛି। କାଳବୈଶାଖୀ ପ୍ରଭାବରେ ଘରର ଛପର ସମ୍ପୂର୍ଣ୍ଣ ଭାବେ ଉଡିଯାଇ ମୂଲ୍ୟବାନ ଆସବାବପତ୍ର ବର୍ଷାରେ ଭିଜି



ନଷ୍ଟ ହୋଇଯାଇଛି। କାଳବୈଶାଖୀ ପ୍ରଭାବରେ କୁଆପଥର ବର୍ଷା ସହିତ ପ୍ରବଳ ପବନ ହୋଇଥିବା ଦେଖିବାକୁ ମିଳିଛି। ପବନର ବେଗ ଏତେ ତୀବ୍ର ଥିଲା ଯେ ଅଣ୍ଡିରାକଞ୍ଚ ଗ୍ରାମର ଯେମେସ୍ ନାଏକଙ୍କ ସମେତ ୨୦ଟି ଘରର ଟିଣ ଛପର ସମ୍ପୂର୍ଣ୍ଣ ଭାବେ ଉଡ଼ିଯାଇ ଭଙ୍ଗାରୁଜା ହୋଇଛି। ଅନ୍ୟ ପଟେ ନୂଆଗାଁ ଗ୍ରାମର ପ୍ରାୟ ୩୨ଘର ଆଜବେଷ୍ଟସ୍ ଟିଣ ଖଣ୍ଡ ଖଣ୍ଡ ହୋଇ ପଡିଥିଲା। କୁଆପଥର ବର୍ଷା ସହ ପବନ ବହୁଥିବାରୁ କ୍ଷତିଗ୍ରସ୍ତ ପରିବାର ପଡୋଶୀ ଘର କୁଡିଆରେ ଆଶ୍ରୟ ନେଇଥିଲେ। ରାତି ୮ଟାରେ କାଳବୈଶାଖୀର ପ୍ରଭାବ କମିବା ପରେ କ୍ଷତିଗ୍ରସ୍ତ ପରିବାର ନିଜ ଘରକୁ ଯାଇ ଦେଖିବା ବେଳକୁ ଘର ମଧ୍ୟରେ ଥିବା ଖାଦ୍ୟଶସ୍ୟ ସହ ବହୁ ମୂଲ୍ୟବାନ ଆସବପତ୍ର ବର୍ଷାରେ ଓଦା ହୋଇ ନଷ୍ଟ ହୋଇଯାଇଥିବା ଦେଖିଥିଲେ। ମାଇକଞ୍ଚ ସରପଞ୍ଚ ମସ୍ତରାମ ମାଝୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପରେ ମାଇକଞ୍ଚ ସରକୋଲ୍ ଆରଆଇ ସଭୋନ ପଟ୍ଟନାୟକ ଆସି ପ୍ରତ୍ୟେକ କ୍ଷୟକ୍ଷତି ପରିବାରଙ୍କୁ ଭେଟିଥିଲେ। କିପରି କ୍ଷତିଗ୍ରସ୍ତ ପରିବାରକୁ ସରକାରଙ୍କ ତରଫରୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ ହେବ ଚେଷ୍ଟା କରିବେ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ସଂଘ ଗଠିତ

ପାପଡାହାଣ୍ଡି,୬।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବ୍ଲକ୍‌ସ୍ତରୀୟ ବରିଷ୍ଠ ନାଗରିକର ସଂଘ ବୈଠକ ହେବା ସହ ସଂଘ ଗଠନ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଈଶ୍ୱର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିରୂପେ ନବରଙ୍ଗପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ତଥା ରାଜ୍ୟ ଉପସଭାପତି ରାଧାନାଥ ବେହେରା, ଜିଲ୍ଲା ବରିଷ୍ଠ ସଂଘ ଚନ୍ଦ୍ର କୁମାର ଆଚାର୍ଯ୍ୟ ଓ ସମ୍ପାଦକ ରାମମୂର୍ତ୍ତି ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବି. ଜଗମୋହନ ରାଓ ମଞ୍ଚାସୀନ ହୋଇଥିଲେ। ଏଥିମାନେ ବରିଷ୍ଠ ନାଗରିକଙ୍କ ସରକାରୀ ସହାୟତା, ସମାଜ ସେବା ବିଷୟରେ ଅବଗତ କରିଥିଲେ। ବରିଷ୍ଠ ନାଗରିକ ନିଜ ଅଞ୍ଚଳର ଥାନାକୁ ଯାଇ ବରିଷ୍ଠ ନାଗରିକ ପାଇ ଆବେଦନ ଲାରିବା ଏହା ପରେ ବରିଷ୍ଠ ନାଗରିକର ପରିଚୟ ପତ୍ର ମିଳିଥାଏ। ସରକାର ଅନେକ ସହାୟତା ମିଳିବ। ସରକାରୀ କାର୍ଯ୍ୟାଳୟ ଠାରେ ବରିଷ୍ଠ ନାଗରିକକୁ ଧାଡି ଲାଇନ୍‌ରେ ଛିଡା ହେବା ପଡିବ ନାହିଁ। ଯାତ୍ରା ସମୟରେ ଟ୍ରେନ ଓ ବସର ରିହାତି ଦରରେ ଟିକେଟ ମିଳିବ। ସମାଜରେ କୌଣସି ବ୍ୟକ୍ତି ସମସ୍ୟାରେ ଥିଲେ ତାଙ୍କୁ ସାହାଯ୍ୟ ସହଯୋଗ କରିବା ବୋଲି ଅତିଥିମାନେ କହିଥିଲେ। ଏହି ବୈଠକ ରେ ସର୍ବସହମତି କ୍ରମେ ବ୍ଲକ ସ୍ତରୀୟ ବରିଷ୍ଠ ନାଗରିକ ସଂଘ ଗଠନ କରାଯାଇଥିଲା। ସଭାପତି ଭାବେ ଈଶ୍ୱର ଚନ୍ଦ୍ର ପଟ୍ଟନାୟକ, ଉପସଭାପତି ଭାବେ ବି. ଜଗନ ମୋହନ ରାଓ, ସମ୍ପାଧକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସହ ସମ୍ପାଧକ ନରସିଂହ ପାଢ଼ୀ, କୋଷାଧକ୍ଷ ସୁରେଶ ମିଶ୍ର ଉପଦେଷ୍ଟା ନାରାୟଣ ଗୁରୁ, ଦୁର୍ଗାଚରଣ ଦାସଙ୍କୁ ମୋନନୀତ କୋରାଯାଇଥିଲା। ଏହି ବରିଷ୍ଠ ନାଗରିକ ବୈଠକରେ ଶିବ ପ୍ରସାଦ ଅଗ୍ରୱାଲ, ମିତ୍ରଭାନୁ ଦାସ, ଇବ୍ରାହିମ ଖାନ, ପ୍ରଫୁଲ୍ଲ କୁମାର ଜୋଏଲ, ସୀମାଞ୍ଚଳ ପାଳ ଓ ଅନ୍ୟ ସଭ୍ୟ ଉପସ୍ଥିତ ରହିଥିଲେ।

## ଗାର୍ଡୱାଲ୍‌କୁ ପିଟିଲା ବାଇକ୍, ୨ ଆହତ

ମାଲକାନଗିରି,୬।୪(ସମିସ): ଗାର୍ଡୱାଲକୁ ପିଟିଲା ବାଇକ୍। ବାଇକ୍ ଚାଳକଙ୍କ ସମେତ ଅନ୍ୟ ଜଣେ ଆହତ। ଆଜି ଏଭଳି ଦୁଃଖଦ ଘଟଣା ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅନ୍ତର୍ଗତ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ଚିତାପାରୀ-୩ ପୋଲ ନିକଟରେ ଦେଖିବାକୁ ମିଳିଛି। ସୂଚନାନୁଯାୟୀ ୨ ଯୁବକ ବାଲିମେଳା ସହରକୁ ମା ଗ୍ରାମଦେବୀ ଠାକୁରାଣୀଙ୍କ ଯାତ୍ରା ଦେଖିବାକୁ ଆସିଥିଲେ। ଉଭୟ ଦ୍ରୁତ ଗତିରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଲୁହା ଗାର୍ଡ ୱାଲରେ ପିଟି ହୋଇଥିଲେ। ଜଣେ ଆଦିତ୍ୟ ମାଢ଼ି, ଘର ବାଣ୍ଡିଗୁଡା ଏବଂ ଅନ୍ୟ ଜଣଙ୍କ ପ୍ରଫୁଲ୍ଲ ମାଡକାମୀ, ଘର ତୁମସାପାଲି ବୋଲି ସୂଚନା ମିଳିଛି। ଖବର ପାଇ ଓରକେଲ ଥାନା ଏଏସଆଇ ଅଜିତ ଟାକରୀ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଆହତ ଯୁବକ ଆଦିତ୍ୟର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଦେଖି ତାକୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ମେଡିକାଲ ଇନ୍‌ଚାର୍ଜ ଡାକ୍ତର ସୌଭାଗ୍ୟ ରଞ୍ଜନ ହୁଇ କହିଛନ୍ତି।

## ହଷ୍ଟେଲରୁ ଦଶମ ଶ୍ରେଣୀ ଛାତ୍ର ନିଖୋଜ ଅଭିଯୋଗ

ରାୟଗଡ଼ା,୬।୪(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମାର ଆମ୍ବଗୁଡା ସ୍ଥିତ ଆରଏସଇଡବ୍ଲୁସି ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ହଷ୍ଟେଲରୁ ନିଖୋଜ ଥିବା ଅଭିଯୋଗ ହୋଇଛି । ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମଙ୍ଗଳ ବିଭାଗର ହଷ୍ଟେଲରୁ ଜଣେ ଦଶମ ଶ୍ରେଣୀର ଛାତ୍ର ଗତ ମାର୍ଚ୍ଚ ମାସ ୨୭ ତାରିଖରୁ ନିଖୋଜ ଅଛନ୍ତି। ସୂଚନାରୁ ଜଣାପଡିଛି ଯେ, ରାୟଗଡ ଜିଲ୍ଲା ଟିକିରି ଥାନା ଅନ୍ତର୍ଗତ ମଇଲିଗୁଡା ଗ୍ରାମର ସାଲୁ ମାଝୀଙ୍କ ପୁଅ ପ୍ରକାଶ ମାଝୀ ଗତ ୨୭ ତାରିଖରୁ ନିଖୋଜ ହୋଇଯାଇଛି। ଏହି ବିଦ୍ୟାଳୟରେ ନିଖୋଜ ପ୍ରକାଶ ମାଝୀ ଦଶମ ଶ୍ରେଣୀରେ ପଢ଼ିବା ସହିତ ହଷ୍ଟେଲରେ ରହୁଥିଲା। ଗତ ମାର୍ଚ୍ଚ ୨୭ ତାରିଖ ଦିନ ବିଦ୍ୟାଳୟ ପକ୍ଷରୁ ଅଭିଭାବକ ବୈଠକ ଅଛି ବୋଲି ସମସ୍ତ ଅଭିଭାବକଙ୍କୁ ଫୋନ୍ ଓ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିଲା। ହେଲେ ଉକ୍ତ ଦିନ ପ୍ରକାଶ କିମ୍ବା ତାଙ୍କ ପରିବାର ଲୋକେ ବୈଠକକୁ ଆସିନଥିଲେ। ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ନିଖୋଜ ଛାତ୍ରଙ୍କ ପିତାଙ୍କୁ ଫୋନ କରି କହିଥିଲେ ଯେ କାଗଜ ପତ୍ରରେ ଦସ୍ତଖତ ନ କରିଲେ ତାଙ୍କ ପୁଅ ୧୦ମ୍ ଶ୍ରେଣୀ ପରୀକ୍ଷା ଦେଇପାରିବନି । ଆଜି ସାଲୁ ମାଝି ଆସି ବିଦ୍ୟାଳୟରେ ପହଞ୍ଚିଥିଲେ ଏବଂ ସେଠାରେ ତାଙ୍କ ପୁଅ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ଛାତ୍ରର ପିତା ରାୟଗଡା ବିଧାୟକ ଆପଲାସ୍ୱାମୀ କାଡ୍ରାକାଙ୍କୁ ତାଙ୍କ ପୁଅ ନିଖୋଜ ହୋଇଥିବା ନେଇ ସୂଚନା ଦେବା ପରେ ବିଧାୟକ ବିଦ୍ୟାଳୟକୁ ଆସି ଘଟଣା ସମ୍ପର୍କରେ ତଥ୍ୟ ନେଇଥିଲେ। ଅଭିଯୋଗ ଆସିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଖୋଜାଖୋଜି ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ କହିଛନ୍ତି, କେଉଁଭଳି ଭାବରେ ଛାତ୍ର ନିଖୋଜ ହେଲେ ତାହାର ତଦନ୍ତ କରାଯାଉଛି। ତେବେ ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ରଥଙ୍କ ପ୍ରତିକ୍ରିୟା ନେବାରୁ ଛାତ୍ର ଜଣକ ଚଳିତ ମାସ ଗତ ୧ ତାରିଖରେ ଯାଇଥିବା ସ୍କୁଲ ରେକର୍ଡରେ ଉଲ୍ଲେଖ ଥିବା ଜଣାପଡିଛି । କିନ୍ତୁ ପିଲାଟି ଘରକୁ ଯାଉଥିବା କହିଥିବା ବେଳେ ଆଜକୁ ୬ଦିନ ହେଲା ଅନ୍ୟ କେଉଁ କାରଣରୁ ଘରେ ପହଞ୍ଚି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ।

## ଗଛକୁ ଧକ୍କା ଦେଲା ବାଇକ୍, ବର୍ତ୍ତିଗଲେ ଚାଳକ

ନନ୍ଦପୁର,୬।୪ (ସମିସ): ନନ୍ଦପୁର ବ୍ଲକ କାର୍ଯ୍ୟାଳୟରୁ ଅନତି ଦୂରରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁସାରେ ଘେନୁ ସୀସା ଢ୍ୱାଇଁ ଘରକୁ କୋରାପୁଟ ଯିବା ସମୟରେ ହଠାତ୍ ତାଙ୍କର ନିଦ ଆସିବାରୁ ଆଖି ପଡି ଯାଇଥିଲା। ଏଥିରେ ଭାରସାମ୍ୟ ହରାଇ ବାଇକ୍‌ଟି ଏକ ଗଛରେ ପିଟି ହୋଇଥିଲା। ଦୁର୍ଘଟଣା ଏତେ ଭୟାବହ ହୋଇଥିଲା ଯେ ଯିଏ ଦେଖିଲେ ବାଇକ୍ ଚାଳକ ବଞ୍ଚିନଥିବ ବୋଲି ଅନୁମାନ କରୁଥିଲେ। ତେବେ ହେଲମେଟ୍ ପିନ୍ଧି ନଥିବାରୁ ଯୁବକ ଜଣଙ୍କ ଜୀବନ ବଞ୍ଚିଯାଇଥିବା କହିଛି ନନ୍ଦପୁର ପୁଲିସ। ଖବର ପାଇ ନନ୍ଦପୁର ଥାନା ଏଏସଆଇ ଗୁପ୍ତେଶ୍ୱର ଗୌଡ ଏକ ଟିମ୍ ନେଇ ଦୁର୍ଘଟଣା ଗ୍ରସ୍ତ ଯୁବକ ଓ ଗାଡ଼ିକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ଲମତାପୁଟ ସ୍ଥିତ ଚିଲବା ଗ୍ରାମକୁ ପଠାଇଥିବା ଜଣାପଡ଼ିଛି।

## ବ୍ଲକ୍ ପ୍ରଶାସନର ସ୍ୱଚ୍ଛତା ଅଭିଯାନ

ବୈପାରୀଗୁଡ଼ା,୬।୪(ସମିସ): ବୈପାରୀଗୁଡା ବ୍ଲକ ପ୍ରଶାସନ ତରଫରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୈପାରୀଗୁଡା ବିଡ଼ିଓ ସୁବ୍ରତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଜିପିଡିଓ ରାଜେନ୍ଦ୍ର ପ୍ରସାଦ ପାତ୍ରଙ୍କ ନେତୃତ୍ୱରେ ପଦଯାତ୍ରା ସହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟଠାରୁ ପର୍ଣ୍ଣିମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା ଦେଖୁବାକୁ ମିଳିଥିଲା। ଶେଷରେ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପିଇଓ ପ୍ରଫୁଲ ଚାନ୍ଦ ଦାସ, ବିପିଏମ ଅନୁପ କୁମାର ମିଶ୍ର, ବିଏଲସି ନିତୁ ସ୍ୱାଇଁ ସମତ ଏମବିକେ, ସିଆରପି, ସ୍ୱୟଂସହାୟକ ଗୋଷ୍ଠୀ ମହିଳା ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଆରସି ବସନ୍ତ ମହାପାତ୍ରଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଲଟିଲ ଟ୍ରାକ୍ଟର; ଚାଳକ ମୃତ

**ଜଣେ ଗୁରୁତର**

ମାଲକାନଗିରି, ୬।୪(ସମିସ): ମାଲକାନଗିରି ଜିଲ୍ଲା ସିଖପାଲି ଛକ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଦୁର୍ଘଟଣା ଶିକାର ହୋଇଛି। ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ହେଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛି। ସୂଚନା ଅନୁଯାୟୀ ସିଖପଲି ଗ୍ରାମପଞ୍ଚାୟତର ପାଲକଣ୍ଡା ଗ୍ରାମର ଦୁଇ ଯୁବକ ବାଲି ବୋଝେଇ ଟ୍ରାକ୍ଟର ନେଇ ନିଜ ଗ୍ରାମ ପାଲକଣ୍ଡା ଅଭିମୁଖେ ଫେରୁଥିବା ସମୟରେ ହଠାତ୍ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ଟ୍ରାକ୍ଟରଟି ଓଲଟି ପଡିଥିଲା। ଘଟଣାସ୍ଥଳରେ ଟ୍ରାକ୍ଟର ତଳେ ଚାପି ଡ୍ରାଇଭରଙ୍କର ମୃତ୍ୟୁ ହେଇଥିବା ବେଳେ ସାଥୀ ସହଯୋଗୀ ଗୁରୁତର ଆହତ ହେଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ପୁଲିସ ଓ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଘଟଣାର ପୁଲିସ ଓ ଦମକଳ ବାହିନୀ ପହଞ୍ଚିବା ସହ ମୃତକଙ୍କ ମରଶରୀର ଓ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମୃତକ ଜଣଙ୍କ ପାଲକଣ୍ଡା ଗ୍ରାମର ଭୀମ ମାଡ଼କାମୀ ବୋଲି ଜଣାପଡିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ମେକ୍କା ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ମାଥିଲି,୬।୪ (ସମିସ): ମାଲକାନଗିରି ଜିଲ୍ଲା, ମାଥିଲି ବ୍ଲକ ଅନ୍ତର୍ଗତ ମେକ୍କା ପଞ୍ଚାୟତରେ ଆଜି ସ୍ୱତନ୍ତ୍ର ଗ୍ରାମସଭା ସରପଞ୍ଚ ରଞ୍ଜିତା ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ସମାଜ ସେବୀ ତଥା ମାଥିଲି ବ୍ଲକ ବିଜେଡି ସଭାପତି ସଦାଶିବ ପୂଜାରୀ, ମାଥିଲି ବ୍ଲକ ସାମାଜିକ ସାମକ୍ଷ୍ୟ, ସଂଗ୍ରାମ ବାବୁ ଓ ସମସ୍ତ ମେକ୍କା ପଞ୍ଚାୟତର ଜନ ସାଧାରଣ ଏବଂ ସମସ୍ତ ଜନପ୍ରତିନିଧି ୱାର୍ଡ ମେମ୍ବର, ନାଏବ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସାଗର ମହାନ୍ତି. ଏଡିଇଓ ଗ୍ରାମ ରୋଜଗାର ସେବକ, ଧର୍ମେନ୍ଦ୍ର ସାହୁ, ପୂର୍ବତନ ୱାର୍ଡ ମେମ୍ବର ରାମଦାସ ନାୟକଙ୍କ ସମେତ ଶତାଧିକ ଲୋକଙ୍କ ଉପସ୍ଥିତିରେ ବାର୍ଷିକ କାର୍ଯ୍ୟ ଖସଡ଼ା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ବିଭିନ୍ନ ଯୋଜନା ନେଇ ଆଲୋଚନା କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନକୁ ଲୋକଙ୍କ ଦାବିପତ୍ର ଅନୁସାରେ କାର୍ଯ୍ୟକାରୀ କରିବା ପାଇଁ ଏହି ସ୍ୱତନ୍ତ୍ର ଗ୍ରାମ ସଭାରେ ଆଲୋଚନା ହୋଇଥିଲା।

# ବାଲ୍ୟ ବିବାହ ରୋକିଲା ପ୍ରଶାସନ

ଗୁଣୁପୁର,୬।୪ (ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ଅନ୍ତର୍ଗତ ଶିରିଝୋଲି ଗ୍ରାମରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ପ୍ରଶାସନ ତତ୍ପରତା ଦେଖାଇ ରୋକିବାରେ ସକ୍ଷମ ହୋଇଛି। ଏଥିସହ ନାବାଳିକାଙ୍କ ପରିବାରକୁ ସଚେତନ କରାଯାଇଛି। ସୂଚନା ଅନୁଯାୟୀ, ଏପ୍ରିଲ ମାସ ୨୯ ତାରିଖରେ ଶିରିଝୋଲି ଗ୍ରାମର ଜଣେ ନାବାଳିକାଙ୍କ ବିବାହ ତୁର୍କାନୀଗୁଡା ଗ୍ରାମର ଗଙ୍ଗା ଗଉଡଙ୍କ ସହ ନିର୍ଦ୍ଧାରିତ ହୋଇଥିଲା। ବିଶେଷ ସୂତ୍ରରୁ ଏହି ସମ୍ବନ୍ଧରେ ଖବର ପାଇ ଗୁଣୁପୁର ବ୍ଲକ୍ ବିଡିଓ ସ୍ୱସ୍ତିକ ଜମାଦାର, ଶିଶୁ ବିକାଶ ସମନ୍ୱିତ ଅଧିକାରୀ ସୁଷମା ପ୍ରସାଦ ଓ ପୁଲିସ୍ ଏଏସ୍ଆଇ ବିଜ୍ଞେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରଶାସନିକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ଦଳ ନାବାଳିକାଙ୍କ ଘରକୁ ଯାଇ ବାଲ୍ୟ ବିବାହର କୁଫଳ ସମ୍ପର୍କରେ ପରିବାରକୁ ବୁଝାଇଥିଲେ। ଆଇନ ଅନୁଯାୟୀ ବିବାହ ପାଇଁ ନିର୍ଦ୍ଧାରିତ ବୟସ ପୂରଣ ହେଲାପରେ ବିବାହ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସର୍ଟିଫିକେଟ୍ ଅନୁଯାୟୀ ଝିଅଙ୍କ ଜନ୍ମତାରିଖ ୮ ନଭେମ୍ବର ୨୦୧୦ ଥିବାରୁ ସେ ନାବାଳିକା ବୋଲି ସ୍ପଷ୍ଟ ହୋଇଥିଲା। ପୁଅଙ୍କ ବୟସ ୨୭ ବର୍ଷ ଥିବା ଜଣାପଡିଛି। ପରିବାର ପକ୍ଷରୁ ଋଣ କରି ବିବାହ କରିବାକୁ ପ୍ରସ୍ତୁତି ହେଉଥିବା ବେଳେ ପ୍ରଶାସନଙ୍କ ବୁଝାସୁଝା ପରେ ସେମାନେ ବିବାହ ବାତିଲ କରିବାକୁ ସମ୍ମତ ହୋଇଥିଲେ। ପରେ ପରିବାର କର୍ତ୍ତୃପକ୍ଷ ପକ୍ଷରୁ ବିବାହ ନକରିବା ପାଇଁ ପ୍ରଶାସନକୁ ଲିଖିତ ଆଶ୍ୱାସନ ପତ୍ର ଦିଆଯାଇଛି। ଏହି ଘଟଣା ଅଞ୍ଚଳରେ ସଚେତନତାର ଏକ ସକାରାତକ ଉଦାହରଣ ସୃଷ୍ଟି କରିଛି।

## ଓଡ଼ିଆ ପକ୍ଷରେ ସ୍ୱଚ୍ଛତା ଅଭିଯାନ

ନବରଂଗପୁର,୬।୪(ସମିସ): ସୋମବାର ନବରଙ୍ଗପୁର ସର୍ବ ପୁରାତନ ନୀଳକଣ୍ଠେଶ୍ୱର ମନ୍ଦିର ପରିସର ନବରଙ୍ଗପୁର ପୌରପାଳିକା ପକ୍ଷରୁ ଓଡିଆ ପକ୍ଷ ପାଳନ ଅବସରରେ ଏକ ସଫେଇ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, କାଉନସିଲର ମମତା ମହାରଣା, ନଗେନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁ ପରିଷଦର ପୌର ସଦସ୍ୟ , ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ସହ ଅନ୍ୟାନ୍ୟ ପୌରପାଳିକା କର୍ମଚାରୀ ଓ ସଫେଇ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଏବଂ ସାନିଟେସନ ଏକ୍ସପର୍ଟ ଶୁଭସ୍ମିତ ଧଳଙ୍କର ତତ୍ତ୍ୱାବଧାନରେ ସୂଚାରୁ ରୂପେ ପରିଚାଳନା କରାଯାଇଥିଲା ।

## ବାଲିମେଳାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

କୋରୁକୋଣ୍ଡା,୬।୪(ସମିସ):ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ବାଲିମେଳା ନଗର ଭବନଠାରେ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମୋଟ ୧୦ଟି ବ୍ୟକ୍ତିଗତ ଏବଂ ୬ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗର ଶୁଣାଣି କରାଯାଇଥିଲା।



କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ସିଡିଏମଓ ଡ଼ା. ତୋଳାମଣି ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିଥିଲେ। ଏଥିସହ ସମସ୍ତ ତହସିଲଦାର, ବିଡିଓ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଶିବିରରେ ସାମିଲ ହୋଇଥିଲେ।

■ ମାଲକାନଗିରିରେ ସାମୂହିକ ସ୍ୱଚ୍ଛତା ଅଭିଯାନ

## ପର୍ଯ୍ୟଟନସ୍ଥଳୀର କାୟାକଳ୍ପ ପାଇଁ ସମସ୍ତେ ଏକାଠି

ମାଲକାନଗିରି,୬।୪(ସମିସ): ସ୍ୱଚ୍ଛ ଓଡ଼ିଶା ଦିବସ ଅବସରରେ ମାଲକାନଗିରି ଜିଲ୍ଲାର କୋଣ ଅନୁକୋଣରେ ଏକ ବୃହତ ସାମୂହିକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳୀଗୁଡ଼ିକର ସଫେଇ କରାଯାଇଛି। ଆମର ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟ ହେଉଛି ଆମ ଜିଲ୍ଲାର ପରିଚୟ। ଏହାକୁ ସ୍ୱଚ୍ଛ ରଖିବା ଦ୍ୱାରା ଆମେ କେବଳ ପରିବେଶକୁ ସୁରକ୍ଷିତ ରଖୁନାହୁଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ପରମ୍ପରା ସୃଷ୍ଟି କରୁଛୁ ବୋଲି ଏହି ଅବସରରେ ଜିଲ୍ଲାପାଳ ମତପ୍ରକାଶ କରିଛନ୍ତି। ସେ ଆହୁରି



ମଧ୍ୟ କହିଛନ୍ତି ଯେ ଜିଲ୍ଲାର ସୌନ୍ଦର୍ଯ୍ୟ ଓ ସ୍ୱଚ୍ଛତା ଦାୟିତ୍ୱ ଆମ ସମସ୍ତଙ୍କର ଏକ ସାମୂହିକ ସଂକଳ୍ପ। ମାଲକାନଗିରିକୁ ଏକ ନିର୍ମଳ ଓ ସୁନ୍ଦର ଜିଲ୍ଲାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ଏହି ଅଭିଯାନ ଅଧୀନରେ ମଲ୍ଲିକେଶ୍ୱର ମନ୍ଦିର ପରିସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ ହୋଇଥିବା ବେଳେ ଐତିହାସିକ ଗୁରୁପ୍ରିୟା ସେତୁ ନିକଟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ସ୍ୱଚ୍ଛତା କାର୍ଯ୍ୟର ତଦାରଖ କରିଥିଲେ। ସେହିପରି ମୁଗୀ ପଏଣ୍ଟଠାରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ପବିତ୍ର ସୀତା କୁଣ୍ଡଠାରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଉପସ୍ଥିତିରେ ଶ୍ରମଦାନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ମଧ୍ୟ ସମାନ ଉତ୍ସାହର ସହ ଏହି ଅଭିଯାନ ଜାରି ରହିଥିଲା। ପ୍ରଶାସନିକ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ସହଯୋଗରେ ଜିଲ୍ଲାର ଐତିହ୍ୟକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଏକ ସାମୂହିକ ସଂକଳ୍ପ ନିଆଯାଇଛି।

## ଓଡ଼ିଆ ପକ୍ଷରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ

କୋରୁକୋଣ୍ଡା, ୬।୪(ସମିସ): କୋରୁକୋଣ୍ଡା ପଞ୍ଚାୟତ ସମିତି ତରଫରୁ ଓଡ଼ିଆ ପକ୍ଷ ଦିବସ ପାଳନ ଅବସରରେ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋରୁକୋଣ୍ଡା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଚେତନା ରଥର ଶୁଭାରମ୍ଭ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଅମୂଲ୍ୟ କୁମାର ସାହୁ ଓଡ଼ିଆ ପକ୍ଷ ପାଳନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅତିଥି ମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ବିନାୟକ ପାତ୍ର, ମାଲକାନଗିରି ବିଧାୟକଙ୍କ ପ୍ରତିନିଧି ମୁଁୟା ମାଡକାମି ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ ରାୟ ଖଡ଼ିଛୁଆଁର ଉଦ୍ଦେଶ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

### ୫୬୦ ଅନ୍ତେବାସୀଙ୍କୁ ମଧ୍ୟାହ୍ନଭୋଜନ ନ ଦେବା ଘଟଣା

# ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ଅଭିଭାବକ; ଜନ ପ୍ରତିନିଧି

ଗୁଣୁପୁର,୬।୪ (ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ଭାରସିଂ ଗ୍ରାମରେ ଅନୁସୂଚିତ ଜନଜାତୀ ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉତ୍କଳ ଦିବସରେ ମଧ୍ୟାହ୍ନ ଭୋଜନ ନଦେବା ଓ ୨୦୨୫ - ୨୬ ଶିକ୍ଷା ବର୍ଷର ୫୧ ଜଣ ଛାତ୍ରଛାତ୍ରି ଟିସି ନେବା ଘଟଣା ସମ୍ପର୍କରେ ଖବର ପ୍ରକାଶ ପରେ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଚାଲୁରହିଛି। ଆଜି ପୁଟାସିଂ ଲାଞ୍ଜିଆ ସୌରା ଜନଜାତୀ ଅଞ୍ଚଳର ଅଭିଭାବକ ଓ ଲୋକପ୍ରତିନିଧି ମାନେ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କୁ ୧୧ ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି। ଦାବି ମଧ୍ୟରେ ପ୍ରଧାନଶିକ୍ଷକଙ୍କ ମନୋମୁଖି କାର୍ଯ୍ୟ, ଛାତ୍ରଛାତ୍ରୀଙ୍କୁ ଟିସି ପ୍ରଦାନ, ଉତ୍କଳ ଦିବସରେ ମଧ୍ୟାହ୍ନଭୋଜନ ନଦେବା, ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଗାଈଗୋରୁ ଭଳି ମାଡ ମାରିବା , ଦୁଇବର୍ଷ ଧରି ଛାତ୍ରିଛାତ୍ରୀଙ୍କ ଆଖିଦୃଶିଆ ଫଳାଫଳ ନଆସିବା, ଛାତ୍ରଛାତ୍ରୀକୁ ନିମ୍ନମାନର ପୋଷାକ ଦେବା, ଖାଦ୍ୟର ଗୁଣବତ୍ତା ଓ ପରିମାଣ ଠିକ୍‌ରେ ନଦେବା ,ବିଦ୍ୟାଳୟରେ ବିଭିନ୍ନ ସରଞ୍ଜାମ ରଖି ବ୍ୟବସାୟ କରିବା ଭଳି ବିଭିନ୍ନ ପ୍ରମୁଖ ଦାବି ରହିଛି। ଦାବିପତ୍ର ପ୍ରଦାନ



ସମୟରେ ପୁଟାସିଂ ସରପଞ୍ଚ ଏସିଓ ଶବର, ରେଗେଡା ସରପଞ୍ଚ ଯୁଗଳ ଶବର, ବରିଷ୍ଠ ନାଗରିକ ଦାମୋଦର ଶବର, ଟଲଣା ଗ୍ରାମର ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ଇସମାଇଲ୍ ଶବର, ଚିନାସାରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଜେମ୍ସ ଶବର, ଶଗଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶବର ଅନ୍ୟାନ୍ୟ ଲୋକ ପ୍ରତିନିଧି, ଅଭିଭାବକ ଉପସ୍ଥିତ ଥିଲେ। ଦାବିପତ୍ର ନେଇ ଉପଜିଲ୍ଲାପାଳ ତଦନ୍ତ ପ୍ରକ୍ରିୟା ଚାଲିଛି ଅତିଶିଘ୍ର ଏହାର ଅନୁଧ୍ୟାନ କରି ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିକ୍ରିୟା ରଖିଥିଲେ। ପ୍ରକାଶ ଥାଉକ ଘଟଣା ସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅଶିମା ରାଓଙ୍କ ନିର୍ଦ୍ଦେଶରେ ଗୁଣୁପୁର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ରିର୍ପୋଟ ପ୍ରଦାନ କରିଥିଲେ। ଅନ୍ୟପଟେ ୨୦୨୫-୨୬ ଶିକ୍ଷାବର୍ଷ ମଧ୍ୟରେ ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଟିସି ପ୍ରଦାନ କରାଯାଇଥିବା ଚିନ୍ତାଜନକ ତଥ୍ୟ ମଧ୍ୟ ସାମ୍ନାକୁ ଆସିଥିଲା। ଏପ୍ରିଲ ୩୧ରେ ଆଉ ୩ ଜଣଙ୍କୁ ଟିସି ଦିଆଯାଇଥିବା ଜଣାପଡିଥିଲା। ଚିନାସାରି ପଞ୍ଚାୟତର ଆରଙ୍ଗୁଲ ଗ୍ରାମର ପ୍ରତ୍ୟୁଷ ଶବର ନାମକ ତୃତୀୟ ଶ୍ରେଣୀ ଛାତ୍ରଙ୍କୁ ବଳପୂର୍ବକ ଟିସି ଦିଆଯାଇଥିବା ଅଭିଯୋଗ କରିଛନ୍ତି ତାଙ୍କ ବାପା ପ୍ରବିଣ ଶବର। ସେ କହିଛନ୍ତି, ଧଳା କାଗଜରେ ଦସ୍ତଖତ ନେଇ ପରେ ଟିସି ପ୍ରଦାନ କରାଯାଇଥିଲା। ଏନେଇ ଖବର ପ୍ରକାଶ କରାଯାଇଥିଲା। ଉତ୍କଳ ଦିବସରେ ୫୬୦ ଅନ୍ତେବାସୀଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇନଥିଲା।

